4

# ସାହିତ୍ୟିକା ଓ ସମାଲୋଚିକା ମାଳବିକା ରାୟଙ୍କ ଦୃଷ୍ଟିରେ

## ଗାଳ୍ପିକ ମନୋଜ ଦାସ


ମାଳବିକା ରାୟ
ଭୁବନେଶ୍ୱର, ୨୦୦୮

**କାଦମ୍ବିନୀ:** ଗାଳ୍ପିକ ମନୋଜ ଦାସଙ୍କୁ ଆପଣ କେମିତି ଜାଣନ୍ତି...

**ମାଳବିକା ରାୟ:** ଭାରତୀୟ କଥା ସାହିତ୍ୟର ପରମ୍ପରାରେ ଗାଳ୍ପିକ ମନୋଜ ଦାସ ଏକ ଅପହଞ୍ଚ ଉଚ୍ଚତାରେ ସମାସୀନ । ସବ୍ୟସାଚୀ ପରି ଉଭୟ ହାତରେ ସେ ଓଡ଼ିଆ ଓ ଇଂରେଜୀ ଦୁଇଟି ଭାଷାରେ ସମାନ ଦକ୍ଷତାରେ ସର୍ଜନଶୀଳ । ତାଙ୍କୁ ଦେଖିଲେ ମନେହୁଏ ଯେ ଏଭଳି ମଣିଷ ଜଣେ ଆମ ଗହଣରେ, ଆମ ସମୟରେ ଉପସ୍ଥିତ ଅଛନ୍ତି- ଏହା ବିଶ୍ୱାସ ଯୋଗ୍ୟ ନୁହେଁ । ଯାହାଙ୍କର ଉଚ୍ଚତା, ବ୍ୟାପ୍ତି, ଔଜ୍ଜ୍ୱଲ୍ୟ ବା ସୀମା କଳନା କରିବା ଦୁଷ୍କର । ବ୍ୟକ୍ତିଗତ ଓ ସାମାଜିକ ଯେତେ ଯେତେ ସ୍ଥିତି ଅଛି, ସବୁକିଛିରେ ସେ ଜଣେ ବିକଶିତ ବ୍ୟକ୍ତିତ୍ୱ । ବହିର୍ଜଗତ ଓ ଅନ୍ତର୍ଜଗତର ଐଶ୍ୱର୍ଯ୍ୟ ମଧ୍ୟ ବିପୁଳ । ତାଙ୍କ ପାଇଁ ଜୀବନର ପ୍ରତିଟି ଘଟଣା ମୂଲ୍ୟବାନ- ପ୍ରତିଟି ମଣିଷ ବି । ବୟସ-ଯୋଗ୍ୟତା ବା ପଦ ପଦବି ନିର୍ବିଶେଷରେ । କେବଳ ଜଣେ ଗାଳ୍ପିକଙ୍କ ପରିପ୍ରେକ୍ଷୀରେ ମନୋଜଙ୍କ ପ୍ରତି ଏ ଉକ୍ତି ନୁହେଁ । ସାହିତ୍ୟ ତାଙ୍କ ନିଶ୍ୱାସ ପ୍ରଶ୍ୱାସ । ଅତ୍ୟନ୍ତ ସ୍ୱାଭାବିକ ଅଥଚ ଅନିବାର୍ଯ୍ୟ ବି । ନଚେତ୍ ଅନ୍ତର୍ଜଗତ ଓ ଚେତନାର ବିଶାଳ, ବିପୁଳ ଓ ବହୁବର୍ଣ୍ଣା ନବ ନବ ଆଲୋଡ଼ନ ଓ ନବ ନବ ଜନ୍ମର ସ୍ୱାକ୍ଷର ସେ କିପରି ଦୁନିଆ ଆଗରେ ଥୋଇ ପାରିଥାନ୍ତେ ? ତାଙ୍କ ସର୍ଜନଶୀଳତା ତ ଜୀବନ-ନଦୀର ତଟସ୍ଥ ତରୁ ମାତ୍ର ନୁହେଁ, ସ୍ୱୟଂ ଜୀବନନଦୀ-ଦୁକୂଳ କୂଳପ୍ଲାବିନୀ । କିନ୍ତୁ ଏ କଥା ସତ, ତାଙ୍କ 'ସୃଷ୍ଟି' ଅପେକ୍ଷା 'ସେ' ବଡ଼, ବହୁମାତ୍ରାରେ ଉଜ୍ଜ୍ୱଳ । ବହୁବନ୍ଦ୍ୟ ବହୁପୂଜ୍ୟ ଏ ମହାମାନ୍ୟ, ଅଗଣିତ ସମ୍ମାନ ଓ ପୁରସ୍କାରରେ ପୋତିହୋଇପଡୁଥିବା ସତ୍ତ୍ୱେ ବାସ୍ତବରେ କିନ୍ତୁ ଜଣେ ଅନାସକ୍ତ ସନ୍ଧାନୀ । ସବୁଠାରୁ ନିରୋଳା ମନେହୁଅନ୍ତି ଲେଖକ ପଣ୍ଡିଚେରୀରେ ସ୍ୱ ସ୍ଥାନରେ । ସତେକି ଲୀନ ହୋଇଥାଆନ୍ତି ଆଦିଗନ୍ତ । ମନେହୁଅନ୍ତି ସମ୍ପୂର୍ଣ୍ଣ ସଂଲଗ୍ନ ଦିଗ୍‌ବଳୟ ସତେ କି ! ସୃଜନଶିଳ୍ପୀ ସାହିତ୍ୟିକ, ସାଧକ, ଦ୍ରଷ୍ଟା ମନୋଜ ଦାସ ସୂର୍ଯ୍ୟଙ୍କୁ ଏଠାରେ ଦୀପଧରି ଚିହ୍ନାଇବାର ଚେଷ୍ଟାରୁ ବିରତ ରହିଲି । ତାଙ୍କୁ ସମସ୍ତେ ଜାଣନ୍ତି । ଏ ମୋର ଏକାନ୍ତ ଉପଲବ୍ଧିର ଚିତ୍ର ମାତ୍ର ।

ଶୁଭ ନବବର୍ଷ



କାଦମ୍ବିନୀ ଓଡ଼ିଶାର ସର୍ବପ୍ରଥମ ମାସିକ ପାରିବାରିକ ପତ୍ରିକା

**କାଦମ୍ବିନୀ: କେଉଁଥିପାଇଁ ଆପଣ ତାଙ୍କୁ ପଢ଼ନ୍ତି ? କେଉଁଭଳି ଆକର୍ଷଣ ବା ସମ୍ମୋହନ ରହିଛି ତାଙ୍କ କଥାର 'ବିଷୟ' ବା 'କାରିଗରୀ'ରେ ?**

**ମା.ରା:** ଏକ 'ଚିରନ୍ତନତା' ଆକର୍ଷଣ କରେ ହୁଏତ । ମନୋଜ ଦାସଙ୍କ ଗଳ୍ପସବୁ ତାଙ୍କ ଶିଖର ଚେତନାର ଧାରାସ୍ରାବୀ ନିର୍ଦ୍ଦୋଷ ପ୍ରେରଣା, ଅବତରଣ କରେ ଗଙ୍ଗାଧାର ପରି । ସାଥିରେ ବହିଆଣେ ଉପଲବ୍ଧିର ସୂର୍ଯ୍ୟସ୍ନାତ ମଣିମାଣିକ୍ୟ । ତୁଙ୍ଗ ଚେତନାର ସେଇ ସବୁ ଉଦ୍‌ଭାସନ କିନ୍ତୁ ପ୍ରଚ୍ଛନ୍ନ; ପ୍ରକଟ ନୁହେଁ; ମୌନ; ମୁଖର ନୁହେଁ । ପାଠକର ଗଭୀର ହୃଦୟର ସତ୍ୟଚେତନା କିନ୍ତୁ ତାକୁ ତତ୍‌କ୍ଷଣାତ୍ ଚିହ୍ନିପାରେ ଓ ସମର୍ଥନ ଜଣାଏ । ଏହା ହିଁ ତାଙ୍କ ଗଳ୍ପର 'ସମ୍ମୋହନ' ଓ 'ଆକର୍ଷଣ' । ଖାଲି 'ସମ୍ମୋହନ' ନୁହେଁ, 'ବଶୀକରଣ' ମଧ୍ୟ । ପ୍ରତିଟି ରଚନାର ଭାଷା, ଶୈଳୀ ଓ ଶବ୍ଦ ନିଜ ନିଜ ସ୍ଥାନରେ ଅଲଂଘ୍ୟ । ତା'ର ବିକଳ୍ପ ନାହିଁ । ବିଶ୍ୱସାହିତ୍ୟରେ ଏଭଳି ଆଲୋକିତ-ସ୍ରଷ୍ଟା ଜଣେ ତ ମୋ ଦୃଷ୍ଟିର ପରିସର ଭିତରକୁ ଆସିନାହାନ୍ତି ।

**କାଦମ୍ବିନୀ: ଗାଳ୍ପିକଙ୍କ କଥାର ଜଗତ ଓ ଜୀବନକୁ କେଉଁଭଳି ଦେଖିଛନ୍ତି ? ଏକତ୍ର ପାଆନ୍ତି କି ? ଲେଖାରେ ତା'ର ଛାପ ଥାଏ କି ?**

**ମା.ରା:** କଥାକାରଙ୍କର କଥାର ଜଗତ ଯେଉଁଭଳି ବ୍ୟାପକ, ଗଭୀର, ବିଶାଳ, ବର୍ଣ୍ଣମୟ ଓ ନାନ୍ଦନିକ; ତାଙ୍କ ଜୀବନ ଅବିକଳ ସେୟା ନୁହେଁ, ତା'ଠାରୁ ଅଧିକ ବିସ୍ତୃତ, ଐଶ୍ୱର୍ଯ୍ୟମୟ ଓ ମହିମାବନ୍ତ । ସୃଷ୍ଟିଠାରୁ ସ୍ରଷ୍ଟା ବଡ଼ । ଶୈଶବର ଆମୋଦିତ ଚପଳ ଦୁଷ୍ଟାମିଠାରୁ ଆରମ୍ଭକରି ବୈଚିତ୍ର୍ୟମୟ ଯୌବନର ବହ୍ନିମାନ ତେଜସ୍ୱିତା, ରାଜନୀତିକ ପୃଷ୍ଠପଟରେ ବିଦ୍ରୋହ ଓ ବିପ୍ଳବର ଅଗ୍ନି ପାରାବାର, ତାକୁ ପାରହେବା ପରେ ହଠାତ୍ ଜୀବନ ଏକ ଭିନ୍ନ ମୋଡ଼ ନେଇଛି । ଗୋଲାଚନ୍ଦନର ଶୀତଳ ସରୋବର ମଧ୍ୟରେ ମଗ୍ନଚୈତନ୍ୟ । ଏ ଦୀର୍ଘ ଯାତ୍ରାର ପ୍ରତିଟି ପଦପାତ ଘଟଣାମୟ... ଗଳ୍ପମୟ... । ପଥପ୍ରାନ୍ତର ପ୍ରତିଟି ପଥରକୁ ସେ ମାନ୍ୟତା ଓ ଶ୍ରଦ୍ଧାଦେଇ ତୋଳିଛନ୍ତି 'ସ୍ମୃତିର ପ୍ରଦୀପ' । ସେଇଥିପାଇଁ ତ ଗଳ୍ପ ଲେଖା ସ୍ଥଗିତ ହେବାର ବାର/ତେର ବର୍ଷ ପରେ ମଧ୍ୟ ପ୍ରତିଟି ରଚନା, ବିବୃତି, ଭାଷ୍ୟ ବା ଭାଷଣରେ, ସେ ସ୍ତମ୍ଭରଚନା ହେଉ ବା ଫିଚର, ଆଧ୍ୟାତ୍ମ-ବକ୍ତୃତା ହେଉ ବା 'ଜୀବନ-ଜିଜ୍ଞାସା'ର ପ୍ରଶ୍ନୋତ୍ତର, ଅଜସ୍ର ଅଜସ୍ର ଗଳ୍ପ ଆମେ ପାଇଚାଲିଛୁ । ଗାଳ୍ପିକଙ୍କର କଥା-ଜଗତ ଓ ଜୀବନ ମଧ୍ୟରେ ପୂର୍ଣ୍ଣ ସଂହତି ଓ ସମନ୍ୱୟ ରହିଛି । ଗଳ୍ପଜଗତର ଜୀବନଦର୍ଶନଠାରୁ ଭିନ୍ନ ଅନ୍ୟଥା ଏକ ଜୀବନ ତାଙ୍କର ଦେଖିବାକୁ ମିଳେନାହିଁ । ଉଭୟ ଜଗତ ମଧ୍ୟରେ ସେ ପୂର୍ଣ୍ଣମାତ୍ରାରେ ଏକାଭଳି ଗୋଟାପଣେ ବିରାଜିତ । ନିଷ୍କଳୁଷ-ବିରୋଧାଭାସ ବର୍ଜିତ । ସେ ଯାହା, ତାଙ୍କ ଲେଖା ତାହା, ବା ତାଙ୍କ ଲେଖା ମଧ୍ୟରୁ ସେ ଯେଉଁଭଳି ଦିଶିଯାନ୍ତି- ସେ ଅବିକଳ ତାହା । ତାଙ୍କ କଥାର ଜଗତ ଅପେକ୍ଷା ସେ ମହତ୍ତର, ଅଧିକ ଭାସ୍ୱର । ବିନ୍ଦୁ ବିନ୍ଦୁ ଅଗ୍ରସର ମହତ୍ତମ ଏକ ଲକ୍ଷ୍ୟ ଦିଗରେ ତାଙ୍କର ଏକନିଷ୍ଠତା ଦୃଷ୍ଟାନ୍ତମୂଳକ । ସେ ବେଗମୟ, ଏକମୁଖୀ ଅନନ୍ୟଚିତ୍ତ ଏକାଗ୍ର । ପରିଚ୍ଛନ୍ନ । ଲେଖକୀୟ ପରିଚ୍ଛନ୍ନତା ତ ପ୍ରଶ୍ନହୀନ । କିନ୍ତୁ ତା'ଠୁ ବେଶୀ ଜୀବନର ଉଜ୍ଜ୍ୱଳତା ! ଏଇ ଧୂଳିଧୂସରିତ ପୃଥିବୀରେ ରହି ମଧ୍ୟ ଅନାୟାସରେ ତାହା ଲକ୍ଷ୍ୟ କରିହୁଏ, ଅନୁଭବ କରିହୁଏ । ତାଙ୍କ ସୃଜନ ଓ ତାଙ୍କ ମଧ୍ୟରେ ଚାନ୍ଦିନୀର ପରଦାଟିଏ ମଧ୍ୟ ନାହିଁ । ଏତିକି ଯେ ଚେତନାର ବହୁତଳ ଦେଇ ଗତି କରିଥିବା ଓ ପର୍ଯ୍ୟାୟକ୍ରମେ ବହୁ ସ୍ତର ପାରହୋଇ ଆସିଥିବା ଗାଳ୍ପିକ ସର୍ବଦା ଉତ୍ତାନପାଦ । ମୂଲ୍ୟବୋଧ ଓ ଚେତନାର ସନ୍ତକ ବହନକାରୀ ଗଳ୍ପ ସବୁ ଚିରନ୍ତନ । ସ୍ଥାଣୁ ନୁହେଁ, ସ୍ଥିର । ବିସ୍ତୃତ କର୍ମ ପରିସର ମଧ୍ୟରେ ତାଙ୍କର ସାହିତ୍ୟିକ ସ୍ଥିତି, ଆଧ୍ୟାତ୍ମିକ ସ୍ଥିତି, ସାମାଜିକ ସ୍ଥିତି ଓ ସାଧାରଣ ସ୍ଥିତିର ବିପୁଳ ପ୍ରବାହ ମଧ୍ୟରେ ବି ଯିଏ ଅହର୍ନିଶ ଗୋଟିଏ ସ୍ଥିତିରେ ଦୃଶ୍ୟମାନ ହୁଅନ୍ତି, ସେ ହେଲେ ଏକ ଓ ଅଖଣ୍ଡ ମନୋଜବାବୁ ।

**କାଦମ୍ବିନୀ: ଗାଳ୍ପିକଙ୍କ ଗଳ୍ପ ବଳୟକୁ ଆପଣଙ୍କ ଆଲୋଚକ ଦୃଷ୍ଟି କେଉଁଭଳି ବିଶ୍ଳେଷଣ କରିବ ?**

**ମା.ରା:** ଆଲୋଚକ ଦୃଷ୍ଟି ପାଇଁ ଭିନ୍ନ ଭୂମି, ଭିନ୍ନ ଭୂମିକାର ଆବଶ୍ୟକ ରହିଛି । ନମ୍ର ଭାବରେ ସ୍ୱୀକାର କରୁଚି, ମନୋଜ ଦାସଙ୍କୁ ବିଶ୍ଳେଷଣ କରିବାରେ ମୋର 'ଅପୂର୍ଣ୍ଣତା' ଏବଂ ଭଗବାନଙ୍କୁ ଧନ୍ୟବାଦ- ମୋର ସୀମା ଓ ପରିସର ମୁଁ ଜାଣେ । ଏତିକି ମାତ୍ର ସାରାଂଶରେ କହିପାରେ ବର୍ଷ ବର୍ଷ ଧରି କେତେଥର ପଢ଼ିଲିଣି ସେ ସବୁ ଗପ । ପ୍ରତିଥର ନୂଆ ଲାଗେ, ପ୍ରତିଥର ଦୂର ଆକାଶର ନକ୍ଷତ୍ରର ସ୍ୱର ପୁଣି ନୂଆକରି ଶୁଭେ । ଅଦ୍ଭୁତ ଦେଦୀପ୍ୟମାନତା । ବିସ୍ମୟକର କଥନିକା । ବଚନିକା । ନାଟକୀୟତା । ଚଳମାନ ବହମାନତା ଚଳଚ୍ଚିତ୍ରଧର୍ମୀ । ଏତେ ବିଶାଳ-ବିସ୍ତାର ତା'ର ଅନ୍ତଃସ୍ୱର-ପୀଡ଼ା ଦିଏ- ବ୍ୟଥା ଦିଏ- ମୁହ୍ୟମାନ କରେ । କ୍ଷୁଦ୍ରତମ ମଣିଷର ତୁଚ୍ଛତମ ଆଚରଣ ଭିତରେ ମହତ୍ତମ ଆବିଷ୍କାର । ଭୂମାର ଆବିଷ୍କାର ! ଅନନ୍ତର ଆବିଷ୍କାର । ଆମ ଭିତରେ ଭଲପାଇବା ଭରିଦିଅନ୍ତି ମନୋଜବାବୁ । ଭରିଦିଅନ୍ତି ଏକ ପ୍ରଶାନ୍ତ ସ୍ନିଗ୍ଧତା ବିଶ୍ୱାସ ଓ ଆସ୍ଥା । ତାଙ୍କ ଆଖି ଦେଇ ଦେଖିଲେ ଏ ପୃଥିବୀ ଦିଶେ ହିରଣ୍ୟଗର୍ଭ-ଅନାବୃତ୍ତ ହେବା ଅପେକ୍ଷାରେ ଅଛି ଯାହା । ନିରାଶ ହେବାର କିଛି ନାହିଁ । ପରଦା ସେପାଖେ ଉଙ୍କି ମାରୁଛି ଏକ ସ୍ୱର୍ଣ୍ଣିମ ସକାଳ । ସମଗ୍ର ଭାବେ ତାଙ୍କ ଗଳ୍ପର ଆବେଦନ ମୋ ପାଇଁ ଏୟା । ହ୍ରଦଜଳରେ ଯେତେବେଳେ ସାରା ଆକାଶ ମୁହଁ ଦେଖେ, 'ନୀର-ଆଧାର' ତାକୁ କ'ଣ ଖଣ୍ଡ ଖଣ୍ଡ କରି ଆଲିଙ୍ଗନ କରେ ?

**କାଦମ୍ବିନୀ: ଶିଶୁ ମନସ୍ତତ୍ତ୍ୱ ଦୃଷ୍ଟିରୁ ଗାଳ୍ପିକଙ୍କ କଥା-ଦୃଷ୍ଟି ଓ ଆବେଦନ କେଉଁଭଳି ?**

**ମା.ରା:** ମନୋଜ ଦାସଙ୍କର ଅଧିକାଂଶ ଗଳ୍ପ ସେ ବୟସ୍କଙ୍କ ପାଇଁ ହେଉ ବା କିଶୋର ସାହିତ୍ୟ, ଶିଶୁ ମନସ୍ତତ୍ତ୍ୱର ନିର୍ମଳ ରୂପାୟଣ ପାଇଁ ଆଜି ବିଶ୍ୱସ୍ତରରେ ଆଦୃତ, ପ୍ରତିଷ୍ଠିତ । ନିଷ୍ପାପ ଶୈଶବର ଯାବତୀୟ ସ୍ୱପ୍ନ ଓ ସୁଷମା, ସ୍ନେହ ଓ କଳ୍ପନା, ଉତ୍କଣ୍ଠା ଓ ବିଶ୍ୱାସର ଅପଟୃପ ଚିତ୍ରକାର ମନୋଜ ଦାସ ଆଜୀବନ ଏକ ପ୍ରାଜ୍ଞଶିଶୁର ଭୂମିକା ତୁଲାଇଛନ୍ତି । ଚାରିବର୍ଷର ଶିଶୁଟି ସେଇ ଯେ ସେଦିନ ଇନ୍ଦ୍ରଧନୁର ପ୍ରାନ୍ତ ଅନୁସରଣ କରି ଧାଇଁବା ଆରମ୍ଭ କରିଥିଲା, ଆଜି ବି ସେ ଯାତ୍ରା ଅବ୍ୟାହତ ! ଦିଗନ୍ତ ପରେ ଦିଗନ୍ତ ଉନ୍ମୋଚିତ

ହୋଇଯାଇଛି । ବଦଳିଯାଇଛି ରହସ୍ୟ ଓ ବିସ୍ମୟର ପଟ୍ଟଭୂମି- ସତ୍ୟ ଭିତରୁ ନବତର ସତ୍ୟ ଆବିଷ୍କୃତ ହୋଇଚାଲିଛି । ପ୍ରତିଟି ସ୍ତରର ଭୂମି ଓ ଭୂମିକା ନୂଆ ରୂପ ଗ୍ରହଣ କରିଛନ୍ତି- କିନ୍ତୁ ଯାତ୍ରୀର ଯାତ୍ରା ସରିନାହିଁ । ମନେହୁଏ- ପ୍ରଜ୍ଞା ଉଦ୍‌ବୋଧିତ ସମସ୍ତ ସୃଷ୍ଟିକର୍ମର 'ଉତ୍ସ' ଓ 'ହୃତପିଣ୍ଡ' ହେଉଛି 'ସମୁଦ୍ର କୂଳର ସେଇ ଗ୍ରାମ' । ତା'ର 'ନିରୀହ ଶୈଶବ', 'ନିଷ୍ପାପ ଖେଳଘର' ଏକ ଜୀବନବ୍ୟାପୀ ଐଶ୍ୱର୍ଯ୍ୟର ଗନ୍ତାଘର । 'ଭୂତୁଣୀ: ଏକ ବିଦାୟ'ର ପୃଷ୍ଠପଟ୍ଟରୁ ହଳଦି ବସନ ଝିଅଟିର ସ୍ୱର ଶୁଣାଯାଏ । ଚତୁର୍ଥ ବନ୍ଧୁ ଭାବରେ 'ବାଘ ମହାଶୟ'ଙ୍କର ଆବିର୍ଭାବ 'ଭୀଷଣ ସହ ବନ୍ଧୁତା' ଦିନରୁ 'ସେନାପତି' 'ଧୂମ୍ରାଭ ଦିଗନ୍ତ', 'ଲକ୍ଷ୍ମୀର ଅଭିସାର', 'ଶେଷ ବସନ୍ତର ଚିଠି' ଆଦିରେ କଥାକାରଙ୍କ ବିଗତ ସ୍ମୃତି ଆଚ୍ଛନ୍ନ କରେ । ସେ ଦୁଃଖ କରନ୍ତି ଯେ, ଗ୍ରାମ ଶଙ୍ଖାରି ଏବଂ ସମୁଦ୍ର ମଝିରେ ଥିବା ଅଧୁନାଲୁପ୍ତ ସବୁଜ ପ୍ରାନ୍ତର ଏବଂ ସେ ପ୍ରାନ୍ତର ଭିତରେ ଥିବା ଲାଲି ଓ ଶ୍ୱେତପଦ୍ମ ସମୃଦ୍ଧ ସରୋବର ଆଜି ଲୁପ୍ତ । କିନ୍ତୁ ମହାଶୟ କ'ଣ ଜାଣନ୍ତି ନାହିଁ- ସେ ସବୁଜିମା ଓ ଦୁଇ ପଦ୍ମ ସରୋବର ସ୍ଥାନ ପରିବର୍ତ୍ତନ କରିଛନ୍ତି କେବଳ ! ସନ୍ଧାନୀ ଲେଖକଙ୍କ ହୃଦୟର ଚିର ସବୁଜ ପ୍ରାନ୍ତର ମଧ୍ୟରେ ବିନ୍ଦୁ-ରସ ପରିପୂର୍ଣ୍ଣ ଦୁଇ ପଦ୍ମ ସରୋବର ପଦ୍ମ ଫୁଟାଇ ଚାଲିଛନ୍ତି- ଯୁକ୍ତ ଦୁଇ ପାପୁଲିର ପ୍ରଣାମ ମୁଦ୍ରାରେ ମହକ ଓ ଦ୍ୟୁତି ସେଇଭଳି ବିରାମବିହୀନ । ପ୍ରତିଦିନ !

**କାଦମ୍ବିନୀ: ଯେତେବେଳେ ତାଙ୍କର ନୂଆ ଗପଟିଏ ପଢ଼ନ୍ତି, ସେତେବେଳେ ଆଗରୁ ପଢ଼ିଥିବା ଗାଳ୍ପିକଙ୍କୁ ଖୋଜି ବସନ୍ତି ନା' ଆହୁରି କିଛି ଆଶା ରଖନ୍ତି ? ସବୁବେଳେ ଆଶ୍ୱସ୍ତ ହୁଅନ୍ତି କି ?**

ମା.ରା: ଆଶ୍ୱସ୍ତ ଏକ ନିରୀହ ଶବ୍ଦ । ଏକ ନିଶ୍ଚୟତାବୋଧ ମନୋଜବାବୁଙ୍କୁ ନେଇ ସବୁବେଳେ ରହିଥାଏ । ଯାହା ଅପ୍ରତ୍ୟାଶିତ -ତା' ହେଉଛି ତାଙ୍କର 'ଚମକାଇଦେବା' ! ନିରାଶ ହେବାର ପ୍ରଶ୍ନ ଉଠିନାହିଁ କେବେ । ଭୀଷଣ ଭାବେ ଅପ୍ରସ୍ତୁତ କରି ଚମକାନ୍ତି । କଥା, ଉପସ୍ଥାପନା, ଶୈଳୀ, କ୍ଷୁରଧାର ବୁଦ୍ଧିର ଔଜ୍ଜ୍ୱଲ୍ୟ, ରସିକତା ରସାଣିତ ବାକ୍ୟ ଏବଂ ସବୁ ଶେଷରେ ଗଳ୍ପର ପରିସମାପ୍ତି - କେଉଁଥିରେ ପୂର୍ବପ୍ରସ୍ତୁତି କାମ ଦିଏନାହିଁ । ଆଖି ପହଁରି ଯାଉଥାଏ ମୁଦ୍ରିତ ପୃଷ୍ଠା ଉପରେ, ଏବଂ ଅକ୍ଷର ସବୁ ବିଜୁଳି ପରି ଚମକୁଥାନ୍ତି 'କଥା'ର ଆକାଶ, ଚେତନାରେ ଚିଦାକାଶ ସୃଷ୍ଟି କରେ । 'ଗପ'ଟିର ଇତି ହେଲାପରେ ମଧ୍ୟ ପାଠକଟି ସେଇଭଳି 'ଆକାଶ' ହୋଇରହିଥାଏ । ଆଗରୁ ପଢ଼ିଥିବା କଥାକାରଙ୍କୁ ଖୋଜିବା ଦରକାର ହୁଏନାହିଁ । ସଦାବେଳେ ନବପତ୍ର କଅଁଳି ରହିଥାଏ । ପୁନରାବୃତ୍ତିର ସମ୍ଭାବନା ନାହିଁ । ମନୋଜବାବୁ ସୁବବେଳେ ଆଶ୍ୱସ୍ତ କରନ୍ତି । ଯେତେ ପୁରାତନ ହେଉଥାନ୍ତି ନବପ୍ରଜ୍ଞାର ଦ୍ୟୁତି ସୂର୍ଯ୍ୟକିରଣରେ ଝଲସିଲା ଭଳି ଚମକୁଥାଏ । ମନୋଜ ଦାସ ସବୁବେଳେ ଏକ ନିର୍ଭର ପ୍ରତିଶ୍ରୁତି, ଅଖଣ୍ଡ ପ୍ରତିଶ୍ରୁତି ।

କାଦମ୍ବିନୀ: ଗଳ୍ପ ପଢ଼ି ପ୍ରିୟ ଗାଳ୍ପିକଙ୍କୁ କେଉଁଭଳି ପ୍ରତିକ୍ରିୟା ଜଣାନ୍ତି ?

ମା.ରା: ଯେଉଁଭଳି ପ୍ରତିକ୍ରିୟା ସୃଷ୍ଟିହୁଏ ମନରେ ଅଜାତରେ ତାଙ୍କୁ ଜଣାଇ ହୁଏ । ତାଙ୍କ ସହଜପଣରେ ସେ ଅଧିକାର ତାଙ୍କର ସମସ୍ତ ପାଠକଙ୍କୁ ସେ ଦେଇ ରଖିଛନ୍ତି । କହିବା ବାହୁଲ୍ୟ ଅଧିକାଂଶ ସମୟରେ ପ୍ରତିକ୍ରିୟା ସୃଷ୍ଟି ହୁଏ ମୁଗ୍ଧତାର, ସମ୍ମୋହନ ଓ ବଶୀକରଣର । ତେବେ ବହୁ ଆଗରୁ, ବିଦ୍ରୂପ ବା ବ୍ୟଙ୍ଗ ଟିକେ ଅଧିକ ଶାଣିତ ହେଇଗଲେ ସଜଳ ଅଭିମାନ ଯେ ଝରି ନ ପଡୁଥିଲା ତା' ନୁହେଁ । କିନ୍ତୁ ସେ ସୁଯୋଗ ଅଳ୍ପ ଆସିଚି । ଏବେ ତ ଆଦୌ ନୁହେଁ । ପ୍ରତିକ୍ରିୟାର ଉତ୍ତରରେ ମହାଶୟଙ୍କ ପ୍ରତ୍ୟୁତ୍ତର ଆହୁରି ସଙ୍କୁଚିତ କରେ - ଅତ୍ୟନ୍ତ ବିନୟ, ନମ୍ରତା ଓ ସୌହାର୍ଦ୍ଦ୍ୟ ସହକାରେ କୃତିର ସବୁତକ ପ୍ରାପ୍ୟ ସେ ପାଠକଟିକୁ ଦେଇଥାନ୍ତି - ଯେହେତୁ- 'ସୂକ୍ଷ୍ମତମରସ'ର ସନ୍ଧାନ ସେ କରିପାରିଚି ଏବଂ ଆମୋଦିତ ହେଉଛି - ତେଣୁ ଲେଖକଙ୍କ ଅପେକ୍ଷା ଅଧିକ ନ ହୋଇପାରେ ମାତ୍ର ସମପର୍ଯ୍ୟାୟର ଗୁଣୀ ସେ ନିଶ୍ଚୟ ।

କାଦମ୍ବିନୀ: ଗାଳ୍ପିକଙ୍କ କେଉଁ ଗଳ୍ପ-ସୃଷ୍ଟି ଆପଣଙ୍କର ପ୍ରିୟ ଓ କାହିଁକି ?

ମା.ରା: ଅନେକ ଗଳ୍ପ ମୋର ପ୍ରିୟ । ଗୋଟିଏ ଅନ୍ୟଠାରୁ ପ୍ରିୟତର ଏହା କହିବା ବାହୁଲ୍ୟ ମଧ୍ୟ । କେତୋଟି ଏତେ ଏକାଧିକ ଥର ପଢ଼ିହୁଏ ନାହିଁ - ଏକ ମଧୁର ପୀଡ଼ାଦିଏ । ସହିହୁଏ ନାହିଁ । ମୋ ପାଇଁ 'ଲକ୍ଷ୍ମୀର ଅଭିସାର 'ଶେଷ ବସନ୍ତର ଚିଠି' ଅବକ୍ଷୟୀ ସାମନ୍ତବାଦର ଅନେକ ଗଳ୍ପ ଏହି ପର୍ଯ୍ୟାୟର । 'ଭୂତୁଣୀ : ଏକ ବିଦାୟ', 'ଜହ୍ନରାତିର ସେତୁ', 'ଚତୁର୍ଥ ବନ୍ଧୁ ଓ ଅନ୍ୟାନ୍ୟ କାହାଣୀ'ର ସବୁଗଳ୍ପ ମୋର ପ୍ରିୟ । 'ମନୋଜ ପଞ୍ଚବିଂଶତି'ର ସମସ୍ତ ଗଳ୍ପ- 'ମନୋଜ ଦାସଙ୍କ କଥା ଓ କାହାଣୀ' ମଧ୍ୟ । ଆଉ କ'ଣ ବାକି ରହିଲା । 'ଧୂମ୍ରାଭ ଦିଗନ୍ତ' ତ ନିଶ୍ଚୟ । ପ୍ରିୟ କାହିଁକି ? ଏ ପ୍ରଶ୍ନର ଉତ୍ତର ସମସ୍ତ ଉତ୍ତର ମଧ୍ୟରେ ରହିଛି । ନବରସ ରଞ୍ଜିତ ଲେଖକଙ୍କର ଗଳ୍ପମାଳା ।

**କାଦମ୍ବିନୀ: ଆପଣଙ୍କର ପ୍ରିୟ ଗାଳ୍ପିକ ସମାଜ ପ୍ରତି କେଉଁଭଳି ଅଙ୍ଗୀକାରବଦ୍ଧ ବୋଲି ଆପଣ ଭାବନ୍ତି ?**

ମା.ରା: ଏକ ବୃହତ୍ତମ ଅର୍ଥରେ, ମହତ୍ତମ ଲକ୍ଷ୍ୟରେ ସର୍ବୋତ୍ତମ ସିଦ୍ଧିରେ ଏକ ଶାଶ୍ୱତ ପୂର୍ଣ୍ଣତା ଆଡ଼କୁ ଯାହାଙ୍କର ଯାତ୍ରା । ମହତ୍ତମ ଚେତନାର ଶିଖର ପ୍ରତି ରହିଛି ଯାହାଙ୍କର ପ୍ରତିବଦ୍ଧତା, ଏକନିଷ୍ଠତା, ସେଠି 'ଖଣ୍ଡ'ର ପ୍ରଶ୍ନ ଉଠୁଛି କେଉଁଠୁ ? ବିଶ୍ୱ, ଦେଶ, ରାଷ୍ଟ୍ର, ସମାଜ, ଅଞ୍ଚଳ, ଉଦ୍ଭିଦ ଜଗତ, ପଶୁପକ୍ଷୀର ଜଗତ ସବୁକିଛି ତାହାର ଅଙ୍ଗୀଭୂତ । ସବୁକିଛି ପ୍ରତି ରହିଛି ତାଙ୍କର ସ୍ନେହାର୍ଦ୍ର କୋମଳ କରସ୍ପର୍ଶ । ପୂର୍ଣ୍ଣତମ ବିକାଶ ପ୍ରତି ତାଙ୍କର ଧ୍ୟାନ କିନ୍ତୁ କେବଳ ବ୍ୟକ୍ତିଗତ ମଣିଷର ଚେତନାର ବିକାଶରେ ହିଁ ତାହା ସମ୍ଭବ ହେବ । ତେଣୁ ମଣିଷ ଓ ସମାଜର ପ୍ରତିଟି ଦୋଷଦୁଷ୍ଟ ଅଙ୍ଗ ପ୍ରତି ତାଙ୍କର ରହିଛି ସଜାଗ ତୀକ୍ଷ୍ଣ ଦୃଷ୍ଟି ଓ ତା' ସହିତ ସଶ୍ରଦ୍ଧ ବ୍ୟବସ୍ଥାପତ୍ର ମଧ୍ୟ । ସମସ୍ୟା ଉତ୍ଥାପନ କରିଦେଇ ସେ କ୍ଷାନ୍ତ ହୁଅନ୍ତି ନାହିଁ - ସମାଧାନର ସୂତ୍ର ହାତେ ହାତେ ଧରାଇ ଦିଅନ୍ତି । ହିମାଳୟର ଶୀର୍ଷରେ ଯେବେ ବରଫ ତରଳେ ସମତଳର ସବୁ ଜଳଧାରା କୃତାର୍ଥ ହୁଅନ୍ତି । ମହତ୍ତମ ଚେତନା ପ୍ରତି ତାଙ୍କର ପ୍ରତିବଦ୍ଧତା... ପ୍ରତିଟି 'ଅଂଶ'କୁ ପ୍ଲାବିତ କରେ । ସମାଜ ନିଶ୍ଚୟ ତାହାର ଅଙ୍ଗୀଭୂତ ।



ଶୁଭ ନବବର୍ଷ

କାଦମ୍ବିନୀ ଓଡ଼ିଶାର ସର୍ବପ୍ରଥମ ମାସିକ ପାରିବାରିକ ପତ୍ରିକା